# Akashvani, Sambalpur

## SAMBALPURI NEWS BULLETIN

### 28 November 2025 – 6.47- 6.52 am.

**********************************************

ବିଧାନ୍‌ସଭା- ଅତିରିକ୍ତ ବଜେଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସପ୍ତଦଶ ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍‌ର ୨ ନମ୍ବର୍ ଦିନେ ଆଏଜ୍  ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ  ଗୃହ ନ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ୍ କର୍‌ବେ । ଗଲା ୨୪ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍‌ଥି ୧୦ ହଜାର୍ କୋଟି ଟଙ୍କାର୍ ଅତିରିକ୍ତ ବଜେଟ୍ ଚିଠା ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇଥିଲା ।

ରାଷ୍ଟ୍ରପତି ଗସ୍ତ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଗସ୍ତଥି ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ରାଜ୍‌ଭବନ୍ ନ ରାତ୍ରିଯାପନ୍ କରିଛନ୍ । ଆଏଜ୍ ସଖାଲର୍ ୯ ବଜେ ଓଡ଼ିଶା ନୁ ଫିର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ରାଷ୍ଟ୍ରପତିଙ୍କର୍ ଲାଗି ଗଲାକାଏଲ୍ ରାଜ୍‌ଭବନ୍ ନ ଖାସ୍ ରାତ୍ରୀଭୋଜନ୍‌ର ଆୟୋଜନ୍

କରାଯାଇଥିଲା । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କର୍ ତର୍ଫୁ ହେଇଥିବା ରାତ୍ରୀଭୋଜନ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଦୁଇ କେନ୍ଦ୍ରମନ୍ତ୍ରୀ ଆଉ ଅଲ୍ଗାମାନେ ଉପସ୍ଥିତ୍ ଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗଲାକାଏଲ୍ ବିଧାନ୍ସଭା ନ ଉଦ୍ବୋଧନ୍ ଦେବାର୍ ଉତ୍ରୁ ଭୁବ୍ନେଶ୍ୱର୍ ରାଜ୍ଭବନ୍ ପରିସର୍ ନ ତିଆର୍ ହେଇଥିବା କଳିଙ୍ଗ ଅତିଥି ନିବାସ୍କେ ଭିଲ୍ ଉଦ୍ଘାଟନ୍ କରିଛନ୍ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଘୋନୁ ଇତାର୍ ଶିଲାନ୍ୟାସ୍ ଭିଲ୍ କରିଥିଲେ ।

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା I&PR

ନୂଆଦିଲ୍ଲୀ ନ ହେଇଥିବା ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ ଥି ଓଡ଼ିଶା ପହେଲା ଠାନେ ରହିକରି ସ୍ୱର୍ଣ୍ଣପଦକ୍ ଜିତିଛେ । ସାମଗ୍ରୀକ୍ ପ୍ରଦର୍ଶନ୍ କ୍ଷେତ୍ରଥି ଓଡ଼ିଶା ଇ ସଫଳତା ପାଇଛେ । ନୂଆଦିଲ୍ଲୀ ନ ହେଇଥିବା ସମ୍ମାନ୍ ସମାରୋହଥି ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ୍ ତର୍ଫୁ ଇ ପୁରସ୍କାର୍ ଦିଆଯାଇଛେ । ଇ ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଖୁସି ଜାହିର୍ କର୍ବାର୍ ସହେତେ ଓଡ଼ିଶା ଦଲ୍କେ ଶୁଭେଚ୍ଛା ଜନେଇଛନ୍ । ଜାତୀୟ ଅନ୍ତର୍ଜାତୀୟ ସ୍ତର୍ଥି

ରାଜ୍ୟର୍ ମର୍ଯ୍ୟାଦା ବଢ଼ାବାର୍ ଦିଗେ ଇଟା ଗୁଟେ ବଡ଼ ସଫଲତା ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରେଲ୍‌ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୋର୍ଦ୍ଧା -ବଲାଙ୍ଗିର୍ ରେଲ୍ ପ୍ରକଳ୍ପ ଓଡ଼ିଶାର୍ ରେଲ୍ ଯୋଗାଯୋଗ୍ ଚିତ୍ର ବଦ୍‌ଲାବାର୍ ସହେତେ ରାଜ୍ୟର୍ ପଶ୍ଚିମ ଭାଗ୍‌ନୁ ଉପକୁଳକେ ଜୁଡ଼୍‌ବା ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ୩ ଶହ ୧ କିଲୋମିଟର୍ ଲମ୍ବା ଇ ରେଲ୍‌ଲାଇନ୍ ଜରିଏ ନୟାଗଡ଼୍, ବୌଦ୍ଧ, ସୁବର୍ଣ୍ଣପୁର୍ ଆଉ ବଲାଙ୍ଗିର୍ ଜିଲ୍ଲା ନ ପରିବହନ୍ ବ୍ୟବସ୍ଥା ବଢ଼୍‌ବା । ପ୍ରକଳ୍ପର୍ ବୃତଙ୍ଗ ଜଳ ପ୍ରକଳ୍ପ ଉପ୍‌ରେ ଦେଶର୍ ୨ ନମ୍ବର୍ ସବୁନୁ ବଡ଼ ରେଲ୍ ଭାୟାଡକ୍ଟ ତିଆର୍ ହେବା ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ

ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଶୂନ୍ୟ ମୃତାହତ ପକ୍ଷ      କଟକ୍ ସମ୍ବାଦଦାତା

ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ଚାଲିଥିବା ଶୂନ୍ୟ ମୃତାହତ ପକ୍ଷ ଅବ୍‌ସରେ ସଡ଼କ୍ ସୁରକ୍ଷାକେ ନେଇକରି ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ଅମାନିଆ ଲୁକ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଉଛେ । ବାର୍‌ବାର୍ ନିୟମ୍ ଉଲ୍ଲଂଘନ୍ କର୍‌ବାର୍ ଅଭିଯୋଗ୍‌ଥି ଏବ୍‌ତକ୍ ୨ ଶହ ୪୧ ଟା ଗାଡ଼ିର୍ ପଞ୍ଜିକରଣ୍ ପ୍ରମାଣ୍‌ପତ୍ର ନିଲମ୍ବନ୍ କରାଯାଇଛେ । ନିଲମ୍ବିତ୍ ହେଇଥିବା ଗାଡ଼ି ମାନ୍‌କର୍ ଭିତ୍‌ରୁ ବହୁତ୍‌ଟେ ଶହେନୁ ଅଏତ୍‌କା ଥର୍ ଲେଖା ନିୟମ୍ ଭାଙ୍ଗିଛନ୍ । ବାର୍‌ବାର୍

ଦୁର୍ଘଟଣା କରୁଥିବା ଗାଡ଼ିମାନ୍‌କର୍ ତାଲିକା କରାଯାଉଛେ ଆଗ୍‌କେ ଭିଲ୍ ଇ ସଂଖ୍ୟା ବଢ଼ିପାରେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଡେବ୍ରିଗଡ଼୍ ବନ୍ୟପ୍ରାଣୀ ଅଭୟାରଣ୍ୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଡେବ୍ରିଗଡ଼୍ ବନ୍ୟପ୍ରାଣୀ ଅଭୟାରଣ୍ୟକେ ଅନ୍ତର୍ଜାତୀୟ ପରିବେଶ୍ ପର୍ଯ୍ୟଟନ୍ ସ୍ଥଲୀ ଭାବେ ବିକଶିତ୍ କର୍‌ବାର୍ ଲାଗି ରାଜ୍ୟ ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ୭୧ କୋଟିନୁ ଅଏତ୍‌କା ଟଙ୍କାର୍ ବିସ୍ତୃତ୍ ପ୍ରକଳ୍ପ ରିପୋର୍ଟ- ଡିପିଆର୍ କେ ମଞ୍ଜୁର୍ କରାଯାଇଛେ । ଇ ବାବ୍‌ଦେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଡେବ୍ରିଗଡ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟକେ ଅନ୍ତର୍ଜାତୀୟ ସ୍ତର୍‌ଥି ପରିଚିତ କରାବା ବଲି କହିଛନ୍ ।

ଜିଲ୍ଲାପାଲ୍ - ମାଛ୍ ଚାଷ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ମତ୍ସ୍ୟ ବିଭାଗ୍‌ର କାମ୍‌କାଜ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲା ନ ବ୍ୟାପକ୍ ମାଛ୍‌ଚାଷ୍ ଜରିଏ ଲୁକ୍‌କର୍ ଚାହିଦା ପୂରଣ୍ କର୍‌ବାର୍ ସହେତେ ମାଛ୍

ଚାଷୀମାନ୍‌କର୍ ଆର୍ଥିକ୍ ଅଭିବୃଦ୍ଧି କର୍‌ବାର୍ ଲାଗି ଜିଲ୍ଲାପାଲ୍ ଇ ଅବ୍‌ସରେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ମାଛ୍ ଆଉ ଚିଙ୍ଗ୍‌ରି ଚାଷ୍‌ଥି ସଫଲତା ପାଇଥିବା ଚାଷୀମାନ୍‌କୁ ଜିଲ୍ଲାପାଲ୍ ସମ୍ବର୍ଦ୍ଧିତ୍ କରିଥିଲେ ।

ଶ୍ରୀଅନ୍ନ ଅଭିଯାନ୍ କ୍ଷେତ୍ର ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସୁନାବେଡ଼ା ଅଭୟାରଣ୍ୟର୍ ଗାତିବେଡ଼ା ନ ଶ୍ରୀଅନ୍ନ ଅଭିଯାନ୍ କ୍ଷେତ୍ର ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ କୃଷି ବିଭାଗ୍ ଅଧିକାରୀମାନେ ଯୋଗ୍ ଦେଇକରି ମଡ଼ିଆ ଚାଷ୍ ଆଉ ଜହ ଉତ୍ପାଦନ୍ ବାବ୍‌ଦେ ବୁଝାବାର୍ ସହେତେ ଶ୍ରୀଅନ୍ନ ଅଭିଯାନ୍‌ଥି ଦିଆଯାଉଥିବା ସର୍‌କାରୀ ସୁବିଧା ସୁଯୋଗ୍ ବାବ୍‌ଦେ ଆଲୋଚନା କରିଥିଲେ ।

ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ I&PR

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଆଏବା ୯ ତାରିଖ୍‌ନୁ ଅନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଓଡ଼ିଶା ମାଷ୍ଟର୍ସ-୨୦୨୫ ବିଡବ୍ଲୁଏଫ୍-ଟୁ ସୁପର୍ ହଣ୍ଡ୍ରେଡ୍ ମୁଲ୍ ହେବା । ଇଥି ଭାରତ୍

ସହେତେ ୨୨ ଟା ଦେଶର୍ ୪ ଶହ ନୁ ଅଏତ୍କା ଖେଲାଲି ଭାଗ୍ ନେବେ । ସେନ୍ତା ଡିସେମ୍ବର୍ ୧ ତାରିଖ୍‌ନୁ ୩୭ ତମ ଜାତୀୟ ଉପକନିଷ୍ଠ ବେଡ୍‌ମିଂଟନ୍ ପ୍ରତିଯୋଗିତା ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେବା । ଇଥି ସାରା ଦେଶୁ ୭ ଶହ ୫୦ ନୁ ଅଏତ୍କା ଖେଲାଲି ଭାଗ୍ ନେବେ ବଲି ଗଲାକାଏଲ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ ।